


Bhubaneswar Saturday, April 11,2020 ଭୁବନେଶ୍ୱର ଶନିବାର ଅପ୍ରେଲ ୧୧,୨୦୨୦ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com

# ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଅର୍ଥରାଶି ପ୍ରଦାନ



ବାଲେଶ୍ୱର(ପିଏନ)- କରୋନା ସଂକ୍ରମଣ ଜନିତ ପରିସ୍ଥିତିର ମୁକାବିଲା ପାଇଁ ବାଲେଶ୍ୱର ରେମୁଣା ସ୍ଥିତ ସିଦ୍ଧେଶ୍ୱର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ତରଫରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୧୦ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି । ସ୍ୱୟଂ ସହାୟିକା ଗୋଷ୍ଠୀର ସଭାପତି ଶ୍ରୀମତୀ ହେମଲତା ବେହେରା ଓ ସମ୍ପାଦିକା ଶ୍ରୀମତୀ ସୁକାନ୍ତି ଦାସ ୧୦ହଜାର ଟଙ୍କାର ଚେକ୍ ଜିଲ୍ଲା ଜରୁରୀକାଳୀନ ଅଧିକାରୀ ରିଜୱାନା କଅକବଙ୍କୁ ପ୍ରଦାନ କରିଛନ୍ତି । ଏତଦ ବ୍ୟତୀତ ଖଇରା ବ୍ଲକ ଅନ୍ତର୍ଗତ ରଟିନା ସ୍ଥିତ ମହିଳା ସାମ୍ମୁଖ୍ୟ ସ୍ୱୟଂ ସହାୟିକା ଗୋଷ୍ଠୀ ତରଫରୁ ୨୫ହଜାର ଟଙ୍କାର ସହାୟତା ରାଶି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଦାନ କରାଯାଇଛି । ଏସଏଚଜିର ସଭାପତି ଶ୍ରୀମତୀ ପ୍ରଭାସିନୀ ମହାପାତ୍ର, ସମ୍ପାଦିକା ଶ୍ରୀମତୀ ଫୁଲରାଣୀ ସାହୁ ଖଇରା ବିଡିଓଙ୍କ ଜରିଆରେ ଏହି ଅର୍ଥରାଶି ଦେଇଛନ୍ତି । ସେହିପରି ସୋର ବଳଙ୍ଗ ଅଂଚଳର ସାଇବାବା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୫ହଜାର ଟଙ୍କାର ସହାୟତା ରାଶି ଦିଆଯାଇଛି । ଏସଏଚଜିର ସଭାପତି ଶ୍ରୀମତୀ କବିତା ବିଶ୍ୱାଳ ଓ ସମ୍ପାଦିକା ଶ୍ରୀମତୀ ସୁଷମା ବିଶ୍ୱାଳ ସୋର ତହସିଲଦାରଙ୍କୁ ୫ହଜାର ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି । ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ କୁସୁମମାଳା ମିଶ୍ର, ମିଶନ ଶକ୍ତି ଡିପିସି ଶ୍ରୀ ବିଶ୍ୱଜିତ ପରିଡା, ସିଡିପିଓ ଶ୍ରୀମତୀ ନର୍ମଦା ଦେଓ, ଶ୍ରୀମତୀ ସାଗରିକା ଦତ, ବିପିସି ଶ୍ରୀ ପ୍ରସନ୍ନ ପୁହାଣ, ଶ୍ରୀ ସତ୍ୟବ୍ରତ ଦେ ପ୍ରମୁଖ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନଙ୍କୁ ଉତ୍ସାହିତ କରିବା ସହ ସେମାନଙ୍କର ଏଭଳି କାର୍ଯ୍ୟର ପ୍ରଶଂସା କରିଛନ୍ତି ।

## ଧାମରାରେ ଧାମରା ବନ୍ଦର(ଆଦାନୀ) ପକ୍ଷରୁ ସାନିଟାଇଜେସନ

ଭଦ୍ରକ, (ପିଏନ)- ଧାମରା ଅଂଚଳରେ କରୋନା ଭୟକୁ ପ୍ରତିହିତ କରିବା ତଥା ଅଂଚଳବାସୀଙ୍କ ମନରେ ଭୟ ଉଦ୍ରେକ ନକରାଇବା ପାଇଁ ଧାମରା ବନ୍ଦର କର୍ତ୍ତୃପକ୍ଷ ଅଂଟା ଭିଡିଛନ୍ତି । ଆଜି ଧାମରା ବନ୍ଦର କର୍ତ୍ତୃପକ୍ଷ ଧାମରା ଅଂଚଳରେ ସାନିଟାଇଜେସନ କରିଥିବା ବେଳେ ଏହା ପ୍ରଥମ ପର୍ଯ୍ୟାୟରେ ଧାମରା ମାର୍କେଟ,ଜାଗୁଲା ପଂଚାୟତ ର ମୁଖ୍ୟ ରାସ୍ତା,ଦୋସିଙ୍ଗା ପଂଚାୟତ ଏବଂ କଇଥଖୋଲା ପଂଚାୟତର ମୁଖ୍ୟ ତଥା ଜନଗହଳି ପୂର୍ଣ ରାସ୍ତାକୁ ସାନିଟାଇଜେସନ କରିବାର ଲକ୍ଷ୍ୟରଖିଛି । ଦ୍ୱିତୀୟ ପର୍ଯ୍ୟାୟରେ ବାଂଶଡା, ଧାମରା, ଜାଗୁଲା, କଇଥଖୋଲା ଏବଂ ଦୋସିଙ୍ଗା ପଂଚାୟତର ସମସ୍ତ ରାସ୍ତା ଏବଂ ପଡା ଗ୍ରାମର ରାସ୍ତାକୁ ସାନିଟାଇଜେସନ କରାଯିବ ବୋଲି ଜଣାଯାଇଛି । ଆଜିର ଏହି ସାନିଟାଇଜେସନକୁ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ଥିବା ଭୟ ଦୂର ହେବାର ସମ୍ଭାବନା ଥିବା ବେଳେ ଦୈନିକ ଧାମରା ବନ୍ଦରକୁ ଆସୁଥିବା ଅନ୍ୟରାଷ୍ଟ୍ରର ଜାହାଜ ଷ୍ଟାଫଙ୍କ ପାଖରୁ ଏହି ରୋଗ ବ୍ୟାପିବାର ସମ୍ଭାବନାକୁ ଏଡାଇ ଦିଆଯାଇ ନପାରେ ବୋଲି ସାଧାରଣରେ ଚର୍ଚ୍ଚା ଚାଲିଛି ।

# କରୋନା ମୁକାବିଲା ପାଇଁ ମୁଖ୍ୟ ଶାସନ ସଚିବଙ୍କୁ ଧନ୍ୟବାଦ ଜଣାଇଲା ବିଜେପି

ଭୁବନେଶ୍ୱର, (ପିଏନ)- କୋଭିଡ-୧୯ ମହାମାରୀ ଭାରତ ସମେତ ସାରା ବିଶ୍ୱକୁ ଆକ୍ରାନ୍ତ କରିଛି । କରୋନାକୁ ମୁକାବିଲା କରିବା ପାଇଁ ସାରା ଦେଶ ସମେତ ସମସ୍ତ ରାଜ୍ୟ ଏକାଠି ହୋଇ ଲଢେଇ କରୁଛି । କରୋନା ଭୂତାଣୁ ସଂପର୍କରେ ଜନସଚେତନା ସୃଷ୍ଟି କରିବା ସହ କରୋନା ପ୍ରସ୍ତୁତି ଦିଗରେ ରାଜ୍ୟ ଠାରୁ ଆରମ୍ଭ କରି ଜିଲ୍ଲା, ବ୍ଲକ, ପଂଚାୟତ ଏବଂ ଗାଁ ପର୍ଯ୍ୟନ୍ତ ପ୍ରଶାସନିକ ଅଧିକାରୀ ଏବଂ କର୍ମଚାରୀମାନେ ଯେପରି କଠିନ ଓ ନିଷ୍ଠାପର ଉଦ୍ୟମ କରୁଛନ୍ତି ତାହା ଅତ୍ୟନ୍ତ ପ୍ରଶଂସନୀୟ । ସେହିପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଷ୍ଟ୍ର ହିତ ଦୃଷ୍ଟିରେ ଯେଉଁ ଲକଡାଉନ ଘୋଷଣା କରିଛନ୍ତି ତାହାକୁ ସଫଳ କରିବା, ନିଃସ୍ୱ ଗରିବ ଅସହାୟମାନଙ୍କ ପାଖରେ ଖାଦ୍ୟ ପହଂଚାଇବା ଆଦି କାର୍ଯ୍ୟ ଅତ୍ୟନ୍ତ ଶୃଙ୍ଖଳିତ ଏବଂ ସଠିକ ଢଙ୍ଗରେ ହେଉଥିବାରୁ ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି ମୁଖ୍ୟ ଶାସନ ସଚିବ ଶ୍ରୀ ଅସିତ ତ୍ରିପାଠୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

ପୁଲିସ କର୍ମଚାରୀ ମାନେ ଦିନ ରାତି ଏକାଠି କରି ଲକଡାଉନ ବ୍ୟବସ୍ଥାକୁ ସଫଳ କରିବା ସହ ଲୋକମାନଙ୍କୁ କରୋନା ସଂପର୍କରେ ସଚେତନ କରାଉଛନ୍ତି । ସମାନ ଢଙ୍ଗରେ ଡାକ୍ତର, ନର୍ସ, ପାରାମେଡିକ ଷ୍ଟାଫ, ସଫେଇ କର୍ମଚାରୀ, ବ୍ୟାଙ୍କ ଓ ପୋଷ୍ଟାଲ କର୍ମଚାରୀଙ୍କ ସମେତ ସରକାରୀ ଅଧିକାରୀ ଏବଂ ଜରୁରୀକାଳୀନ ବ୍ୟବସ୍ଥାରେ ଜଡିତ ଥିବା ସମସ୍ତ କର୍ମଚାରୀମାନେ କରୋନା ମୁକାବିଲାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛନ୍ତି । ଏଭଳି ଏକ ସଙ୍କଟ ଘଡିରେ ସମସ୍ତେ ଏକଜୁଟ ହୋଇ ନିଜ ନିଜର କାର୍ଯ୍ୟ ସଂପନ୍ନ କରୁଥିବାରୁ ବିଜେପିର ଲକ୍ଷ ଲକ୍ଷ କାର୍ଯ୍ୟକର୍ତ୍ତା, ଶୁଭେଚ୍ଛୁ ଓ ସମର୍ଥକମାନଙ୍କ ତରଫରୁ ଶ୍ରୀ ମହାନ୍ତି ସମସ୍ତଙ୍କୁ ସାଧୁବାଦ ଜଣାଇବା ସହ କୃତଜ୍ଞତା ଜ୍ଞାପନ କରିଛନ୍ତି ।

ରାଜ୍ୟବାସୀଙ୍କ ସଦିଚ୍ଛା ଓ ଦୃଢ ସମର୍ଥନ ଆପଣଙ୍କ ମନୋବଳକୁ ଦୃଢ କରିବ ଏବଂ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ କୃପାରୁ ଆମେ ମାନେ ସୁରକ୍ଷିତ ରହି ଏଭଳି ସଙ୍କଟକୁ ଏଡାଇ ବିଜୟୀ ହେବା ବୋଲି ଶ୍ରୀ ମହାନ୍ତି କହିଛନ୍ତି ।

# କ୍ୱାରାଂଟାଇନ୍ କେନ୍ଦ୍ରରେ ଅବ୍ୟବସ୍ଥା

ଭଦ୍ରକ, (ପିଏନ)- ଭଦ୍ରକ ସହର ସମେତ ବିଭିନ୍ନ ପଂଚାୟତରେ ଥିବା କ୍ୱାରାଂଟାଇନ କେନ୍ଦ୍ରରେ ବ୍ୟାପକ ଅବ୍ୟବସ୍ଥା ପରିଲକ୍ଷିତ ହୋଇଛି । ପ ।ୟତସ୍ତରରେ ଥିବା କେନ୍ଦ୍ରମାନଙ୍କରେ ନାମକୁମାତ୍ର ଲୋକ ସଂଗରୋଧରେ ଅଛନ୍ତି । ସେସମସ୍ତ କେନ୍ଦ୍ର ମଧ୍ୟରୁ ଅଧିକାଂଶ ସ୍ଥାନରେ କୌଣସି ସ୍ୱାସ୍ଥ୍ୟ କର୍ମୀ ନାହାନ୍ତି । ଏହା ବ୍ୟତୀତ ଅନ୍ୟାନ୍ୟ ଆନୁସଙ୍ଗିକ ବ୍ୟବସ୍ଥା ମଧ୍ୟ ଉପଲବ୍ଧ ନାହିଁ । ଏସମସ୍ତ କେନ୍ଦ୍ର ପ୍ରତିଷ୍ଠାର କୌଣସି ମାନେ ନାହିଁ ବୋଲି ବହୁ ପଂଚାୟତ ପ୍ରତିନିଧି ମତବ୍ୟକ୍ତ କରିଛନ୍ତି । ସେହିପରି ସହର ମଧ୍ୟରେ ପୌରପାଳିକାର କଲ୍ୟାଣ ମଣ୍ଡପ ଓ ରାତ୍ର ଆଶ୍ରୟସ୍ଥଳ ଏହିପରି ମୋଟ ଦୁଇଟି କ୍ୱାରାଂଟାଇନ କେନ୍ଦ୍ର ରହିଛି । ଏଠାରେ କରୋନା ସଂକ୍ରମିତଙ୍କ ସଂସ୍ପର୍ଶରେ ଆସିଥିବା କେତେକ ବ୍ୟକ୍ତି ନିରୀକ୍ଷଣରେ ଅଛନ୍ତି । କିନ୍ତୁ ଏହି ଦୁଇ କେନ୍ଦ୍ରରେ ମଧ୍ୟ ବ୍ୟାପକ ଅବ୍ୟବସ୍ଥା ଦେଖାଦେଇଛି । ସଂଗରୋଧରେ ଥିବା କେତେକ ବ୍ୟକ୍ତି ବାହାରେ ବୁଲୁଥିବା ଦେଖିବାକୁ ମିଳୁଛି । ଯାହାକି ଏହି କେନ୍ଦ୍ର ନିକଟବର୍ତ୍ତୀ ଅଂଚଳର ଲୋକଙ୍କୁ ଆତଙ୍କିତ କରିଛି । ଅନୁରୂପ ଗୋଟିଏ କେନ୍ଦ୍ରରେ ସଂଗରୋଧରେ ଥିବା ଜନୈକ ଗର୍ଭବତୀ ମହିଳାଙ୍କ ପ୍ରସବ ସମୟ ନିକଟତର ହୋଇଥିବାରୁ, ସେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ଯିବାକୁ ଚାହୁଁଛନ୍ତି । କିନ୍ତୁ ତାଙ୍କୁ ଯିବାକୁ ଦିଆଯାଉନି ବୋଲି ମହିଳାଙ୍କ ସ୍ୱାମୀ ଅଭିଯୋଗ କରିଛନ୍ତି । ଏହା ବ୍ୟତୀତ ସେଠାରେ ଦିଆଯାଉଥିବା ଖାଦ୍ୟ ମଧ୍ୟ ନିମ୍ନମାନର ବୋଲି ସେମାନେ ଅଭିଯୋଗ କରିଛନ୍ତି ।

# ଲକ୍ ଡାଉନ୍ ପିରିୟଡ଼ ବୃଦ୍ଧି କରିବା ସହିତ ଶ୍ରମିକ ମାନଙ୍କୁ ଆର୍ଥିକ ସହାୟତା କରିବା ପାଇଁ ଡଃ ରାମଚନ୍ଦ୍ର ଖୁଣ୍ଟିଆଙ୍କ ଦାବୀ

ଭବନେଶ୍ୱର,(ପିଏନ): କଂଗ୍ରେସ କାର୍ଯ୍ୟକାରିଣି ସଦସ୍ୟ, ପୂର୍ବତନ ସାଂସଦ, ତେଲେଙ୍ଗାନା ରାଜ୍ୟ ପ୍ରଭାରୀ ତଥା ଜାତୀୟ ରାଷ୍ଟ୍ରୀୟ ମଜୁଦର କଂଗ୍ରେସର ଉପସଭାପତି ଡଃ ରାମଚନ୍ଦ୍ର ଖୁଂଟିଆ ରାଜ୍ୟ ସରକାରଙ୍କ ନିଷ୍ପତିକୁ କୋଭିଡ୍-୧୯କୁ ମୁକାବିଲା କରିବା ପାଇଁ ଆଗାମୀ ୩୦ ତାରିଖକୁ ଲକ- ଡାଉନ୍ ପରିବର୍ଦ୍ଧିତ କରିବା ଦୃଢ଼ ସମର୍ଥନ କରିଛନ୍ତି ଓ ସମସ୍ତ କଂଗ୍ରେସ ଲୋକ, ଶ୍ରମିକ କର୍ମଚାରୀମାନେ କୋଭିଡ୍ -୧୯ ଭଳି ଏକ ସଂକ୍ରାମକ ରୋଗର ସଂକ୍ରମିତ ରୋକିବା ପାଇଁ ସମର୍ଥନ ଓ ସହଯୋଗ କରିବା ପାଇଁ ନିବେଦନ କରିଛନ୍ତି । କିନ୍ତୁ ଏହି ଲକ୍-ଡାଉନ୍ ଫଳରେ ନିର୍ମାଣ ଶ୍ରମିକ, ଅସଂଗଠିତ ଶ୍ରମିକ, ଜଙ୍ଗଲ ଶ୍ରମିକ, କୃଷି ଶ୍ରମିକ ଓ ବିଭିନ୍ନ କଳକାରଖାନାରେ କାମ କରୁଥିବା ଅସ୍ଥାୟୀ ଶ୍ରମିକ, ଘରୋଇ କାର୍ଯ୍ୟରେ କାମ କରୁଥିବା କାମବାଲୀ, ଅଟୋ ରିକ୍ସା, ଅଟୋ ଟ୍ୟାକ୍ସି ଡ୍ରାଇଭର ଆଦି ଶ୍ରମିକମାନେ ଅଧିକ କ୍ଷତିଗ୍ରସ୍ତ ହେବେ । ପୂର୍ବରୁ ରାଜ୍ୟ ସରକାରଙ୍କ ଦ୍ୱାରା ଘୋଷଣା କରାଯାଇଥିବା - ଚାଉଳ, ଏକ ହଜାର ଟଙ୍କା ଏବଂ ନିର୍ମାଣ ଶ୍ରମିକଙ୍କ ପାଇଁ ୧୫୦୦ ଟଙ୍କା ଏପର୍ଯ୍ୟନ୍ତ ସବୁ ଲୋକଙ୍କ ପାଖରେ ପହଂଚିପାରି ନାହିଁ । ପୁନଶ୍ଚ ୧୬ ଦିନ ଲକ୍-ଡାଉନ୍ ହେଲେ ଶ୍ରମିକ କର୍ମଚାରୀମାନେ ତାଙ୍କର ଦୈନିକ ମଜୁରୀ ହରାଇବେ । ଓଡ଼ିଶା ରାଜ୍ୟ ସରକାର ଲକ୍-ଡାଉନ୍ ମାର୍ଚ୍ଚ - ୧୬ ତାରିଖରୁ ଅପ୍ରେଲ ୩୦ ତାରିଖ ପର୍ଯ୍ୟନ୍ତ ଧରିଲେ ୪୫ ଦିନ ହେବ । ଏହି ୪୫ ଦିନରେ ଦୈନିକ ୫୦୦ ଟଙ୍କା ମଜୁରୀ ହିସାବରେ ୨୨,୫୦୦ ଟଙ୍କା ରୋଜଗାର କରିପାରିଥାନ୍ତେ ଏବଂ ୨୨,୫୦୦ ଟଙ୍କା ବଦଳରେ ୧୦୦୦ ଟଙ୍କା ବା ୧୫୦୦ ଟଙ୍କା ଦେଲେ ତା'ର ପରିବାରକୁ ୪୫ ଦିନ ଖର୍ଚ୍ଚ ଭରଣ ପୋଷଣ କରିପାରିବ ନାହିଁ । ଏଣୁ ସର୍ବନିମ୍ନ ୭,୫୦୦ ଟଙ୍କା କେନ୍ଦ୍ର ସରକାର ସମସ୍ତ ଶ୍ରମିକଙ୍କୁ ଜନ ଧନ ଯୋଜନାରେ ଦିଅନ୍ତୁ ଓ ରାଜ୍ୟ ସରକାର ଅନ୍ୟୁନ୍ୟ ୨୫୦୦ ଟଙ୍କା ଦେଲେ ଗୋଟିଏ ପରିବାର ତା'ର ଭରଣ ପୋଷଣ ପାଇଁ ୧୦,୦୦୦ ଟଙ୍କା ପାଇବ । ସେହିପରି ଆମ ଦେଶରେ କୋଭିଡ୍ ପରୀକ୍ଷା ତୁଳନାତ୍ମକ ଭାବେ ବିଶ୍ୱର ସବୁଦେଶଠାରୁ କମ୍ ଅନୁପାତରେ ପରୀକ୍ଷା କରାଯାଉଛି । ଅଧିକ ପରୀକ୍ଷା କରିବାର କିଟ୍ସ୍ ଆଣିବା ଏବଂ ପ୍ରତ୍ୟେକ ରାଜ୍ୟରେ ଅଧିକ ପରୀକ୍ଷା ସେଂଟର ଖୋଲିବାରେ ଏହି ସଂକ୍ରମଣ ରୋଗକୁ ରୋକାଯାଇପାରିବ । ଅନ୍ୟ ପକ୍ଷରେ ଡକ୍ଟର, ନର୍ସ, ପାରାମେଡ଼ିକାଲ କର୍ମଚାରୀ, ମୁନିସ୍‌ପାଲଟି କର୍ମଚାରୀ, ପୋଲିସ୍ କର୍ମଚାରୀମାନଙ୍କୁ ଡଃ ରାମଚନ୍ଦ୍ର ଖୁଂଟିଆ ଧନ୍ୟବାଦ ଓ କୃତଜ୍ଞତା ଜଣାଇଥିବାବେଳେ ସେ ସମସ୍ତଙ୍କ ପାଇଁ ବ୍ୟକ୍ତିଗତ ନିରାପତା, ଜୋତା, ପୋଷାକ, ମ୍ୟାକ୍ସ, ସାନିଟାଇଜେସନ, ପ୍ରୋତ୍ସାହନ ଭତା ଓ ଅଧିକ ପରିମାଣର ଜୀବନ ବୀମା କରି କର୍ମଚାରୀ ଓ ତାଙ୍କ ପରିବାର ବର୍ଗଙ୍କ ମଧ୍ୟରେ ଆତ୍ମ ପ୍ରତ୍ୟେୟ ସୃଷ୍ଟି ହେବା ଆବଶ୍ୟକ । ପୃଥିବୀର ଅନ୍ୟ ଦେଶରେ ତାଙ୍କ ଦେଶର ଜିଡ଼ିପିର ୪-୭ ପ୍ରତିଶତ ଖର୍ଚ୍ଚ କୋଭିଡ଼୍- ୧୯ର ମୁକାବିଲା କରିବା ପାଇଁ ବ୍ୟବସ୍ଥା କରିଥିବାବେଳେ ଆମର କେନ୍ଦ୍ର ସରକାରଙ୍କର କୋଭିଡ-୧୯ ମୁକାବିଲା ଖର୍ଚ୍ଚ ଜିଡ଼ିପିର ୧ ପ୍ରତିଶତ ଖର୍ଚ୍ଚ କମ୍ । ଏଣୁ ଏଭଳି ଏକ ଭୟଙ୍କର ପରିସ୍ଥିତି ମୁକାବିଲା କରିବା ପାଇଁ ଏବଂ ଦୈନିକ ମଜୁରୀ ଉପରେ ନିର୍ଭର କରୁଥିବା ୪୦ କୋଟିରୁ ଅଧିକ ପରିବାରଙ୍କୁ ଅନ୍ୟୁନ୍ୟ ୩ ମାସ ପର୍ଯ୍ୟନ୍ତ ଆର୍ଥିକ ସହାୟତା ଦେବା କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ଓ ମାନ୍ୟୁପେଖ୍‌ଚରିଙ୍ଗ ଶିଳ୍ପଗୁଡ଼ିକ ସାହାଯ୍ୟ କରିବା ପାଇଁ ଡଃ ଖୁଂଟିଆ ବିବୃତିରେ ପ୍ରକାଶ କରିଛନ୍ତି । ଏଣୁ ଲକ୍ - ଡାଉନ୍ ଘୋଷଣା କରି ଏହା କଡ଼ା କଡ଼ି ଭାବେ ଲାଗୁ କରିବା ସହିତ ଦିନ ମଜୁରିଆ ପରିବାରରୁ ଆର୍ଥିକ ସାହାଯ୍ୟ ନ ଦେଲେ ପରିସ୍ଥିତିକୁ ନିୟନ୍ତ୍ରଣ କରିବା ସମସ୍ତଙ୍କ ପାଇଁ କଷ୍ଟ ସାଧ ହୋଇପାରେ । ଏହାକୁ ବିଚାରକୁ ନେବାକୁ ଡଃ ରାମଚନ୍ଦ୍ର ଖୁଂଟିଆ, ପୂର୍ବତନ ସାଂସଦ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କୁ ନିବେଦନ କରିଛନ୍ତି ।

## କୀଟନାଶକ ଔଷଧ ଖାଇ ମହିଳାଙ୍କ ଆତ୍ମହତ୍ୟା

ଗଞ୍ଜାମ, (ପିଏନ)- ଗଞ୍ଜାମ ଜିଲ୍ଲା ତାରାସିଂ ଥାନା ଅନ୍ତର୍ଗତ ନାରାୟଣପଲ୍ଲୀ ଗ୍ରାମର ବସନ୍ତ କୁମାର ସାହୁଙ୍କ ପତ୍ନୀ ଭାରତୀ ସାହୁ (୨୫) କୀଟନାଶକ ଔଷଧ ପିଇ ଆତ୍ମହତ୍ୟା କରିଥିବା ଜଣାପଡିଛି । ଆଜି ପୂର୍ବାହ୍ନରେ ବସନ୍ତ ନିଜ ଘରର ବାରିପଟେ ଟାଙ୍କି କାମ ସାରି ଘରକୁ ଫେରି ଭାରତୀଙ୍କୁ ଖାଇବାକୁ ମାଗିଥିଲେ । ଭାରତୀ ରୋଷେଇ କରିନାହିଁ ବୋଲି କହିବାରୁ ବସନ୍ତ ରାଗି ପାଟିତୁଣ୍ଡ କରି ଘରୁ ବାହାରକୁ ପଳାଇ ଯାଇଥିଲେ । ଏହାର କିଛି ସମୟ ପରେ ସେ ଘରକୁ ଫେରି ଦେଖନ୍ତି ତ ଭାରତୀ କୀଟନାଶକ ଔଷଧ ପିଇ ତଳେ ପଡି ଛଟପଟ ହେଉଛନ୍ତି ।

# ଲକଡାଉନକୁ କଡ଼ାକଡ଼ି ପାଳନ ଲାଗି ରାଜ୍ୟ ଓ କେନ୍ଦ୍ରଶାସିତ ପ୍ରଦେଶଗୁଡ଼ିକୁ ଗୃହ ମନ୍ତ୍ରଣାଳୟର ନିର୍ଦ୍ଦେଶ

ନୂଆଦିଲ୍ଲୀ , (ପିଏନ)-ଏପ୍ରିଲ ୨୦୨୦ ମାସରେ ବିଭିନ୍ନ ପ୍ରକାରର ପର୍ବପର୍ବାଣୀ ପଡୁଥିବାକୁ ଆଖି ଆଗରେ ରଖି କେନ୍ଦ୍ର ଗୃହ ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟ ଓ କେନ୍ଦ୍ରଶାସିତ ପ୍ରଦେଶଗୁଡ଼ିକ ପାଇଁ ସାନି ନିର୍ଦ୍ଦେଶନାମା ଜାରି କରାଯାଇଛି । କୋଭିଡ-୧୯ ମୁକାବିଲା ନିମନ୍ତେ ଲକଡାଉନକୁ କଡ଼ାକଡ଼ି ପାଳନ କରିବା ସହିତ କୌଣସି ପ୍ରକାରର ସାମାଜିକ କିମ୍ବା ଧାର୍ମିକ ସମାବେଶ ଓ ଶୋଭାଯାତ୍ରା ଆୟୋଜନକୁ ଅନୁମତି ନଦେବା ଲାଗି ଏହି ନିର୍ଦ୍ଦେଶରେ କୁହାଯାଇଛି ।

ଏହି ନିର୍ଦ୍ଦେଶରେ ଆହୁରି କୁହାଯାଇଛି ଯେ ଲକଡାଉନ ପଦକ୍ଷେପକୁ ନିର୍ଦ୍ଦିଷ୍ଟ ଭାବେ ଲାଗୁ କରିବା ନିମନ୍ତେ ଜିଲ୍ଲା କର୍ତ୍ତୃପକ୍ଷ ଓ କ୍ଷେତ୍ରୀୟ ସଂସ୍ଥାଗୁଡ଼ିକୁ ସୂଚିତ କରାଯାଉ, ଯଦ୍ଦ୍ୱାରା ସେମାନେ ଆଇନଶୃଙ୍ଖଳା, ଶାନ୍ତି ଓ ସ୍ଥିରତା ବଜାୟ ରଖିବା ଦିଗରେ ସମସ୍ତ ଆବଶ୍ୟକ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିବେ । ସାମାଜିକ ଗଣମାଧ୍ୟମରେ ଆପତିଜନକ ବିଷୟବସ୍ତୁ, ବାର୍ତ୍ତା ଉପରେ ଅଙ୍କୁଶ ଲଗାଇବା ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ମଧ୍ୟ କୁହାଯାଇଛି ।

ନିର୍ଦ୍ଧାରିତ ଗାଇଡଲାଇନର ବ୍ୟବସ୍ଥା ସମ୍ପର୍କରେ ସାର୍ବଜନୀନ କର୍ତ୍ତୃପକ୍ଷ, ସାମାଜିକ ଓ ଧାର୍ମିକ ସଂଗଠନ ଏବଂ ନାଗରିକମାନଙ୍କୁ ଅବଗତ କରାଇବା ନିମନ୍ତେ ବ୍ୟାପକ ପ୍ରଚାର କରିବା ନିମନ୍ତେ କୁହାଯାଇଛି । ଲକଡାଉନ ପଦକ୍ଷେପର ଉଲ୍ଲଙ୍ଘନ କ୍ଷେତ୍ରରେ ବିପର୍ଯ୍ୟୟ ପରିଚାଳନା ଆଇନ ୨୦୦୫ ଏବଂ ଭାରତୀୟ ଦଣ୍ଡବିଧି ସଂହିତାର ବ୍ୟବସ୍ଥା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ମଧ୍ୟରେ ଗୃହ ମନ୍ତ୍ରଣାଳୟ ପକ୍ଷରୁ ଜାରି ନିର୍ଦ୍ଦେଶରେ କୁହାଯାଇଛି ।

ଦେଶରେ କୋଭିଡ-୧୯ ମହାମାରୀକୁ ପ୍ରତିହତ କରିବା ଲାଗି ଭାରତ ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ/ବିଭାଗ, ରାଜ୍ୟ/କେନ୍ଦ୍ର ଶାସିତ ପ୍ରଦେଶ ସରକାର ଏବଂ ପ୍ରାଧିକରଣ ଦ୍ୱାରା ଲକଡାଉନ କାର୍ଯ୍ୟକାରୀ କରିବା ନିମନ୍ତେ ଗୃହ ମନ୍ତ୍ରଣାଳୟ ପକ୍ଷରୁ ୨୪ ମାର୍ଚ୍ଚ ୨୦୨୦ରେ ବିଜ୍ଞପ୍ତି ପ୍ରକାଶ ପାଇଥଇଲା । ଏହି ବିଜ୍ଞପ୍ତିରେ ୨୫, ୨୭ ମାର୍ଚ୍ଚ ଓ ୨ ଏପ୍ରିଲରେ ସଂଶୋଧନ କରାଯାଇଥିଲାୟ ଏହି ଦିଶାନିର୍ଦ୍ଦେଶର ଅନୁଚ୍ଛେଦ ୯ ଏବଂ ୧୦ରେ କୁହାଯାଇଛି ଯେ କୌଣସି ଛାଡ଼ ଦିଆନଯାଇ ଧାର୍ମିକ ସଭାର ଆୟୋଜନ ଲାଗି ଅନୁମତି ଦିଆଯିବ ନାହିଁ । ସାମାଜିକ/ସାଂସ୍କୃତିକ/ଧାର୍ମିକ ସମାରୋହ/ଶୋଭାଯାତ୍ରା ଉପରେ କଟକଣା ଓ ପ୍ରତିବନ୍ଧକ ଲାଗୁ ହେବ ।

# କରୋନା ସମ୍ପର୍କୀତ ତଥ୍ୟକୁ ନେଇ ଅନ୍ଧାରରେ ଜିଲ୍ଲାବାସୀ

## ପ୍ରଶାସନର ନିରବତାକୁ ନେଇ ବଢୁଛି ଅସନ୍ତୋଷ

ଭଦ୍ରକ, (ପିଏନ)- ଭୁବନେଶ୍ୱର ପରେ ଭଦ୍ରକ ସହରରେ ସର୍ବାଧିକ କରୋନା ସଂକ୍ରମିତ ବ୍ୟକ୍ତି ଚିହ୍ନଟ ହୋଇଛନ୍ତି । ଏମାନଙ୍କ ସଂଖ୍ୟା ୩ । ଯାହାକି ସମଗ୍ର ଜିଲ୍ଲାବାସୀ ବିଶେଷକରି ଭଦ୍ରକ ସହରବାସୀଙ୍କୁ ଆତଙ୍କିତ ଅବସ୍ଥାରେ ରଖିଛି । ସମଗ୍ର ଜିଲ୍ଲାବାସୀ ଗଣମାଧ୍ୟମ ପ୍ରତିଧିମାନଙ୍କ ଠାରୁ ଏ ସମ୍ପର୍କରେ ଜାଣିବାକୁ ଚାହୁଁଛନ୍ତି । କିନ୍ତୁ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ପ୍ରଶାସନ ଏଦିଗରେ ସମ୍ପୂର୍ଣ୍ଣ ଅନ୍ଧାକାରରେ ରଖିଛି । କରୋନା ସମ୍ପର୍କୀତ ଯେକୌଣସି ତଥ୍ୟ ଜିଲ୍ଲା ପ୍ରଶାସନର କୌଣସି ଅଧିକାରୀଙ୍କୁ ଗଣମାଧ୍ୟମ ପ୍ରତିନିଧିମାନେ ନପଚାରିବାକୁ ଏବଂ ଏସମସ୍ତ ତଥ୍ୟ କେବଳ ରାଜ୍ୟସ୍ତରରୁ ପ୍ରଦାନ କରାଯିବ ବୋଲି ଜିଲ୍ଲାପାଳ ଟ୍ୟୁଟ୍ କରି ଜଣାଇଦେବା ପରେ ସମଗ୍ର ଜିଲ୍ଲାବାସୀ ଏବେ ଅନ୍ଧକାର ମଧ୍ୟରେ ରହିଛନ୍ତି । ଭଦ୍ରକର ପ୍ରଥମ କରୋନା ସଂକ୍ରମିତ ବ୍ୟକ୍ତିଙ୍କ ବିଷୟରେ କୋଭିଡ଼-୧୯ର ମୁଖପତ୍ର ସୁବ୍ରତ ବାଗଚୀ ସ୍ପଷ୍ଟ କରିବା ସହ ତାଙ୍କର ଦୁବାଇ ଲିଙ୍କ ଥିବା ଓ ୪୨ଜଣ ତାଙ୍କ ସଂସ୍ପର୍ଶରେ ଆସିଥିବା କହିଥିଲେ । କିନ୍ତୁ ଭଦ୍ରକରୁ ଆଉ ଦୁଇ କରୋନା ସଂକ୍ରମିତଙ୍କ ବିଷୟରେ କୌଣସି ସୂତ୍ରରୁ କିଛି ତଥ୍ୟ ଏପର୍ଯ୍ୟନ୍ତ ପ୍ରଦାନ କରାଯାଇ ନାହିଁ । ସେମାନେ କେଉଁ ଅ ଳର, ସେମାନଙ୍କ ବିଦେଶ କିମ୍ବା ରାଜ୍ୟ ବାହାର ଲିଙ୍କ ଓ କେତେଜଣଙ୍କ ସଂସ୍ପର୍ଶରେ ଏହି ୨ଜଣ ଆସିଛନ୍ତି ସେ ସମ୍ପର୍କରେ ଜିଲ୍ଲାବାସୀଙ୍କୁ ଅନ୍ଧାରରେ ରଖିଛି ପ୍ରଶାସନ । ଏପରିକି ଯେ କୌଣସି ଗୁରୁତ୍ୱପୂର୍ଣ୍ଣ ବିଷୟରେ ମଧ୍ୟ ଜିଲ୍ଲାପାଳ ଗଣମାଧ୍ୟମକୁ ସିଧାସଳଖ ତଥ୍ୟ ଦେବା ପରିବର୍ତ୍ତେ ସାମାଜିକ ଗଣମାଧ୍ୟମରେ ନିଜ ବିବୃତି ରଖି ଚାଲିଛନ୍ତି । ଯାଜପୁର, ପୁରୀ ସମେତ ସମସ୍ତ ଜିଲ୍ଲା ପ୍ରଶାସନ ପକ୍ଷରୁ ସେମାନଙ୍କ ଜିଲ୍ଲାର କରୋନା ସଂକ୍ରମିତଙ୍କୁ ନେଇ ସମସ୍ତ ତଥ୍ୟ ପ୍ରଦାନ କରୁଥିବାବେଳେ, ଆମ ଜିଲ୍ଲା ପ୍ରଶାସନ କାହିଁକି ଏଦିଗରେ ନୀରବତା ଅବଲମ୍ବନ କରୁଛି ତାହା ସହରବାସୀଙ୍କୁ ଦ୍ୱନ୍ଦରେ ପକାଇଛି । ସଂକ୍ରମିତ ବ୍ୟକ୍ତିଙ୍କ ସମ୍ପର୍କରେ ନହେଲା ନାହିଁ ଯଦି ପ୍ରଶାସନ ପକ୍ଷରୁ ସଂପୃକ୍ତ ଅଂଚଳ ଓ ସେମାନଙ୍କ ଲିଙ୍କ ଓ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିଙ୍କ ସମ୍ପର୍କରେ ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଗଲେ ଜିଲ୍ଲାବାସୀ ଅଧିକ ସତର୍କତା ଅବଲମ୍ବନ କରି ପାରନ୍ତେ । ଅପରପକ୍ଷରେ ସମସ୍ତ ସରକାରୀସ୍ତରୀୟ ତଥ୍ୟ ପ୍ରଦାନ ପାଇଁ ଅଛନ୍ତି ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ । କିନ୍ତୁ କରୋନା ପ୍ରସଙ୍ଗରେ ସୂଚନା ଅଧିକାରୀଙ୍କ ଅସହାୟତା ବାରି ହୋଇ ପଡୁଛି । କେଉଁ ପଂଚାୟତ, ସହରାଂଚଳରେ କେତେ କ୍ୱାରାଂଟାଇନ କେନ୍ଦ୍ର ପ୍ରତିଷ୍ଠା ହେଲା, କେତେ ଭତା ବଂଟନ ହେଲା, କେତେଜଣଙ୍କୁ ରନ୍ଧା ଖାଦ୍ୟ ବଂଟନ ହେଲା ପରି ସଫଳତାର କାହାଣୀ ଏବଂ ଏଥି ସହ ପ୍ରତ୍ୟେକ ଦିନ ପ୍ରଶାସନ ପକ୍ଷରୁ ଜାରୀ ପରିବର୍ତ୍ତୀତ ନିୟମ ସମ୍ପର୍କରେ କେବଳ ବିବରଣୀ ଦେଇ ଚାଲିଛନ୍ତି । କିନ୍ତୁ କେତେ ବ୍ୟକ୍ତି ହୋମ କ୍ୱାରାଂଟାଇନରେ, କେତେ ସରକାରୀ କ୍ୱାରାଂଟାଇନରେ ଅଛନ୍ତି, କେତେଜଣ ପଂଚାୟତସ୍ତରୀୟ କ୍ୱାରାଂଟାଇନରେ ଅଛନ୍ତି, କେତେ ସନ୍ଦିଗ୍ଧଙ୍କ ରକ୍ତ କିମ୍ବା ସ୍ୱାବ୍ ପରୀକ୍ଷା ପାଇଁ ଗଲା, ସେଥି ମଧ୍ୟରୁ କେତେ ନେଗେଟିଭ୍ ଆସିଲା, ଜିଲ୍ଲା ସୂଚନା ଅଧିକାରୀ ହୋଇ ମଧ୍ୟ ଏସବୁ ବିଷୟରେ ତାଙ୍କ ନିକଟରେ କୌଣସି ତଥ୍ୟ ନାହିଁ । ଏସମସ୍ତ ତଥ୍ୟ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ ଜରିଆରେ ଗଣମାଧ୍ୟମ ପ୍ରତିନିଧିଙ୍କ ନିକଟରେ ଉପଲବ୍ଧ କରିବା ପାଇଁ ସହରର ବହୁ ସଚେତନଶୀଳ ନାଗରିକ ଦାବି ରଖିଛନ୍ତି ।

# ଓଡିଶା କରୋନା ଆକ୍ରାନ୍ତଙ୍କ ମଧ୍ୟରେ ଦୁଇ ଶିଶୁ

ଭୁବନେଶ୍ୱର,(ପିଏନ)-ଓଡ଼ିଶାରେ ଚିହ୍ନଟ ହୋଇଥିବା ୪୮ ଜଣ କରୋନା ପଜିଟିଭ୍ ଙ୍କ ମଧ୍ୟରେ ୨ ଜଣ ଶିଶୁ କନ୍ୟା ରହିଛନ୍ତି । ଆକ୍ରାନ୍ତ ଶିଶୁ କନ୍ୟାଙ୍କ ମଧ୍ୟରୁ ଜଣଙ୍କର ବୟସ ୯ ବର୍ଷ ହୋଇଥିବା ବେଳେ ଅନ୍ୟ ଜଣଙ୍କର ୫ ବର୍ଷ । ଏମାନେ 'କରୋନା'ରେ ମୃତ୍ୟୁ ହୋଇଥିବା ୭୨ ବର୍ଷୀୟ ବ୍ୟକ୍ତିଙ୍କ ସମ୍ପର୍କୀୟ ବୋଲି ଜଣାପଡ଼ିଛି । ସେମାନଙ୍କ ଘର ଭୁବନେଶ୍ୱର ଝାରପଡ଼ାରରେ । ସେହିପରି ଗତକାଲି ଚିହ୍ନଟ ଆକ୍ରାନ୍ତଙ୍କ ମଧ୍ୟରେ ଝାରପଡ଼ା ଅଂଚଳର ଜଣେ ୩୭ ବର୍ଷୀୟ ମହିଳା ମଧ୍ୟ ରହିଛନ୍ତି । ଏବେ ସେମାନଙ୍କୁ କିମସ୍ କୋଭିଡ୍ ହସ୍ପିଟାଲରେ ରଖାଯାଇଥିବା ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଉଲ୍ଲେଖ୍ୟଯୋଗ୍ୟ ଯେ ଗତକାଲି ଗୋଟିଏ ଦିନରେ ୬ ଜଣ 'କରୋନା'ରେ ଆକ୍ରାନ୍ତ ହୋଇଥିଲେ । ସେଥିରେ ଢେଙ୍କାନାଳରେ ଜଣେ, ପଶ୍ଚିମବଙ୍ଗର ମେଦନାପୁରରୁ ଭୁବନେଶ୍ୱର ଆସି ଚିକିତ୍ସିତ ହେଉଥିବା ଜଣେ, ଝାରପଡ଼ାର ଦୁଇ ଝିଅ ଏବଂ ମହିଳା ଓ କଳାହାଣ୍ଡିର ଜଣେ ୨୦ ବର୍ଷୀୟ ଯୁବକ ଅଛନ୍ତି । ଆଜି ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ୪୫ , ୪୬ , ୪୭ ଓ ୪୮ ତମ ଆକ୍ରାନ୍ତଙ୍କ ଟ୍ରାଭେଲ ହିଷ୍ଟ୍ରି ପ୍ରକାଶ କରାଯାଇଛି । କଳାହାଣ୍ଡିରେ ଚିହ୍ନଟ ଯୁବକ ଜଣକ ବେହେରାଗୁଡ଼ା ଗାଁରେ ମାର୍ଚ୍ଚ ୨୦ ଓ ୨୧ ତାରିଖରେ ସାଙ୍ଗଙ୍କ ସହ ମିଳାମିଶା କରିଥିଲେ । ମାର୍ଚ୍ଚ ୨୨ରୁ ୨୪ ତାରିଖ ଭିତରେ ଘର ଲୋକଙ୍କ ସହିତ ମିଶିଥିଲେ । ମାର୍ଚ୍ଚ ୨୫ ତାରିଖରେ ନିଜ ଗାଁର ତେଜରାତି ଦୋକାନକୁ ଯାଇଥିଲେ । ମାର୍ଚ୍ଚ ୨୬ରୁ ଏପ୍ରିଲ୍ ୩ ତାରିଖ ମଧ୍ୟରେ କୁଆଡ଼େ ଯାଇ ନଥିଲେ । ଏପ୍ରିଲ୍ ୪ ତାରିଖରେ ବାହାରିନ୍ ଫେରନ୍ତା ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିଲେ । ଏନେଇ ଜଣାପଡ଼ିବା ପରେ ଏପ୍ରିଲ ୫ ତାରିଖରେ ତାଙ୍କୁ ସୋସିଆ ସ୍ଥିତ ଇନଷ୍ଟିଚ୍ୟୁସନାଲ୍ କ୍ୱାରେଂଟାଇନ୍ କେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିଲା । ୯ ତାରିଖରେ ସାମ୍ପଲ ସଂଗ୍ରହ କରାଯାଇଥିଲା । ଆଜି ତାଙ୍କୁ ଅଶ୍ୱିନୀ ହସ୍ପିଟାଲ ସ୍ଥାନାନ୍ତର କରାଯାଇଛି ।ସେହିପରି ନିକଟରେ ଝାରପଡାର ୭୨ ବର୍ଷୀୟ ବ୍ୟକ୍ତିଙ୍କୁ ଶ୍ୱାସକ୍ରିୟାରେ କଷ୍ଟ ହେବାରୁ ପରିବାର ଲୋକ ଭୁବନେଶ୍ୱର ଏମ୍ସରେ ଭର୍ତ୍ତି କରିଥିଲେ । ସେଠାରେ ଚିକିତ୍ସଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା । ପରେ ଟେଷ୍ଟ ରିପୋର୍ଟରୁ ତାଙ୍କୁ 'କରୋନା' ହୋଇଥିବା ସ୍ପଷ୍ଟ ହୋଇଥିଲା । ଏହା ପରେ ସ୍ୱାସ୍ଥ୍ୟ ବିଭାଗ ମୃତକଙ୍କ ସମ୍ପର୍କୀୟଙ୍କୁ ଆଣି କ୍ୱାରେଂଟାଇନ୍ ରେ ରଖିଥିଲା । ତେବେ ଗତକାଲି ଆସିଥିବା ରିପୋଟରେ ମୃତକଙ୍କ ସମ୍ପର୍କୀୟ ଦୁଇ ଶିଶୁ ଓ ଜଣେ ୩୭ ବର୍ଷୀୟ ମହିଳା 'କରୋନା'ରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି ।ସୂଚନାରୁ ପ୍ରକାଶ ଶୁକ୍ରବାର ସୁଦ୍ଧା ରାଜ୍ୟରେ ୪୮ ଜଣ ଆକ୍ରାନ୍ତ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଦୁଇ ଜଣ ଡିସ୍‌ଚାର୍ଜ ହୋଇ ଘରକୁ ଫେରିଛନ୍ତି । ଏବେ ୪୫ ଜଣ କରୋନା ଆକ୍ରାନ୍ତ ଚିକିତ୍ସିତ ହେଉଛନ୍ତି ।

# ୩ ପଜିଟିଭକୁ ବାଦ୍ ଦେଲେ ପରୀକ୍ଷିତ ସମସ୍ତ ନମୁନା କରୋନା ନେଗେଟିଭ

ଭଦ୍ରକ, (ପିଏନ)-ଭଦ୍ରକ ଜିଲ୍ଲା ମୁଖ୍ୟତଃ ଭଦ୍ରକ ସହରର ପୁରୁଣାବଜାର, ଚରମ୍ପା ଓ ଏହାର ପାର୍ଶ୍ୱ ଅ ଳ ଏରେଇଁ ପଂଚାୟତରେ ୩ଟି କରୋନା ପଜିଟିଭ ଚିହ୍ନଟ ପରେ ଏହି ଜିଲ୍ଲାକୁ ଏକ ସମ୍ବେଦନ ଜିଲ୍ଲା ଭାବେ ପ୍ରଶାସନ ଗ୍ରହଣ କରିଛି । ଜିଲ୍ଲା ତମାମ ଆବଶ୍ୟକ ଥିବା ସମସ୍ତ ପ୍ରକାର କରୋନା ଆଇନକୁ କଡାକଡି କରିଛି । ଏହି ସମୟ ମଧ୍ୟରେ ଜିଲ୍ଲାରୁ ମୋଟ ପରୀକ୍ଷା ପାଇଁ ଯାଇଥିବା ୧୭୮ଟି ସ୍ୱାବ ନମୁନା ମଧ୍ୟରୁ ୩ଟି ପଜିଟିଭକୁ ବାଦ ଦେଲେ ବାକି ସମସ୍ତ ୧୭୫ଟି ନମୁନା ନେଗେଟିଭ ବାହାରିଛି । ଏହି ସ୍ୱାବଗୁଡିକ ମଧ୍ୟରେ ପଜିଟିଭ ବାହାରିଥିବା ୩ଜଣ କରୋନା ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିବା ୧୧୩ ଜଣଙ୍କ ନମୁନା ମଧ୍ୟ ରହିଛି । ଏହି ୧୧୩ଜଣଙ୍କୁ ଠାବ କରାଯିବା ପରେ କ୍ୱାରେ ।ଇନରେ ରଖାଯାଇଛି । କରୋନା ଭୂତାଣୁ ଠାରୁ ଦୂରେଇ ରହିବା ପାଇଁ ସରକାର ବିଭିନ୍ନ ପଦକ୍ଷେପମାନ ଗ୍ରହଣ କରିଛନ୍ତି । କରୋନା ସନ୍ଦିଗ୍ଧ କିମ୍ବା ଯେଉଁମାନେ ନିଜକୁ ସମ୍ଭାବ୍ୟ କରୋନା ଆକ୍ରାନ୍ତ ଭାବି କ୍ୱାରେଂଟାଇନରେ ରହିବେ, ସେମାନଙ୍କ ପାଇଁ ଜିଲ୍ଲାର ୨୧୮ଟି ଗ୍ରାମ ପଂଚାୟତ ଓ ପୌରା ଳର ମୋଟ ୨୨୭ଟି କ୍ୱାରେ ।ଇନ ସେ ରରେ ହେବାକୁ ଥିବା ୧୦ ହଜାର ୯ଶହ ବେଡ୍ ମଧ୍ୟରୁ ଆଜି ସୁଦ୍ଧା ୬ହଜାର ୩୩୬ଟି ବେଡ୍ ପ୍ରସ୍ତୁତ ହୋଇ ସାରିଛି । ଏହି ସମୟ ମଧ୍ୟରେ ସରକାର ଜିଲ୍ଲାର ୧୩୭୪ଗ୍ରାମର ୩ ଲକ୍ଷ ୧୬ ହଜାର ୨୧୫ ରାସନକାର୍ଡ ଧାରୀଙ୍କ ମଧ୍ୟରୁ ୩ ମାସର ରାସନ ସାମଗ୍ରୀ ୧ ଲକ୍ଷ ୩୬ ହଜାର ୪୩୩ ହିତାଧିକାରୀଙ୍କୁ ବଂଟନ କରି ସାରିଛନ୍ତି । ଜିଲ୍ଲାର ୧ ଲକ୍ଷ ୬୬ ହଜାର ୭୦୦ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧ ଲକ୍ଷ ୬୪ ହଜାର ୧୭୩ ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ ବାବଦକୁ ସାମଗ୍ରୀ ପ୍ରଦାନ କରାଯାଇ ସାରିଛି । ସେହିପରି ଜିଲ୍ଲାର ୧ ଲକ୍ଷ ୪୬ ହଜାର ୮୯୫ଜଣ ପେନ୍‌ସନଧାରୀଙ୍କ ମଧ୍ୟରୁ ୧ ଲକ୍ଷ ୪୬ ହଜାର ୮୨୦ଜଣଙ୍କୁ ପେନସନ ପ୍ରଦାନ କରାଯାଇ ସାରିଛି । ପ୍ରତିଦିନ ନିରାଶ୍ରୟ, ବାହାର ଅ ଳରୁ ଆସି ଫସି ରହିଥିବା ଶ୍ରମିକ, ଭିକାରୀ, ଅନାଥଙ୍କୁ ସହରା ଳରେ ୩୦୩୨ ଜଣ ଏବଂ ଗ୍ରାମାଂଚଳରେ ୧୮ ହଜାର ୮୩୯ଜଣଙ୍କୁ ମାଗଣାରେ ରନ୍ଧା ଖାଦ୍ୟ ଯୋଗାଇ ଦିଆ ଯାଇଛି । ରାଜ୍ୟ ସରକାରଙ୍କ ନିଷ୍ପତି ମୁତାବକ ଲକଡାଉନ ସମୟସୀମା ଏପ୍ରିଲ ୩୦ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିବାବେଳେ ଏହି ସମୟରେ ସମସ୍ତଙ୍କୁ ମାସ୍କ ପିନ୍ଧିବା ବାଧ୍ୟତାମୂଳକ କରାଯାଇଛି । ଯିଏ ମାସ୍କ ନ ପିନ୍ଧିବ ତାଙ୍କୁ ପ୍ରଥମ ୩ ଥର ପାଇଁ ଥରକୁ ୨ଶହ ଟଙ୍କା ଏବଂ ୩ ଥର ପରେ ଥରକୁ ୫ଶହ ଟଙ୍କାର ଜୋରିମାନା ଆଦାୟ କରାଯିବ । ଏହା ବ୍ୟତୀତ ପୂର୍ବରୁ ଜାରି ରହିଥିବା ଲକଡାଉନ କଟକଣା ବଳବତର ରହିବା ସାଙ୍ଗକୁ ଚରମ୍ପା ଷ୍ଟେସନ, ପୁରୁଣାବଜାର ଏବଂ ଏରେଇଁ ଗ୍ରାମ ପଂଚାୟତରେ ସଟଡାଉନ କଟକଣା ଜାରି ରହିଛି । ଏହି ଅ ଳରେ ଲୋକଙ୍କ ଆବଶ୍ୟକ ଗ୍ରୋସରୀ, ଔଷଧ ଆଦି ଅତ୍ୟାବଶ୍ୟକ ଜିନିଷ ପ୍ରଶାସନ ପକ୍ଷରୁ ନେଇ ପହ ।ଇବାର ପୂର୍ଣ୍ଣ ବନ୍ଦୋବସ୍ତ ହୋଇଛି ।

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com,paryabekhyak2020@rediffmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray